ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୫, ଜୁଲାଇ ୧୫**

# ଗୁରୁ ପଦରେ କଳଙ୍କ


ଉମାଶଙ୍କର ପ୍ରସାଦ

ଗୁରୁ ଏଭଳି ସର୍ବଶକ୍ତିମାନ, ଯାହାଙ୍କ ବ୍ୟତିତ ଜୀବନରେ ଜ୍ଞାନ ଲାଭ ହୁଏନାହିଁ, ଶାନ୍ତି ମିଳେନାହିଁ, ଗତି ଓ ମୁକ୍ତି ମିଳେନାହିଁ । କିନ୍ତୁ ଏପରିବି ଗୁରୁ ଅଛନ୍ତି ଯିଏ ନିଜର ସ୍ୱାର୍ଥ ପାଇଁ ଶିଷ୍ୟର ବୃଦ୍ଧାଙ୍ଗୁଳିକୁ ଦାନ ସ୍ୱରୁପ ମାଗି ଆଜିବି ଗୁରୁ ନାମକୁ କଳଙ୍କିତ କରିଛନ୍ତି । କିନ୍ତୁ ତାଠାରୁ ଅତି ସାଂଘାତିକ ଗୁରୁ ଆଜି ର ସମାଜରେ ନିଜର ପ୍ରଭୁତ୍ୱ ବିସ୍ତାର କରିବା ସହ ନିଜର କନ୍ୟାସମ ଛାତ୍ରୀ ପ୍ରତି ଲୋଲୁପ ଦୃଷ୍ଟି ରଖି ତାକୁ ଏପରି ମାନସିକ ଯନ୍ତ୍ରଣା ଦେଲେ ଯେ ସେ ବାଧ ହୋଇ ଇଶ୍ୱର ପ୍ରଦତ ଅମୁଲ୍ୟ ଜୀବନକୁ ଅଗ୍ନିରେ ଦଗ୍ଧ କରି ଆଜି ମୃତ୍ୟୁ ସହିତ ଡାକ୍ତର ଖାନାରେ ଲଢୁଛି । ବାଲେଶ୍ୱର ର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଶିକ୍ଷା ବିଭାଗର ମୁଖ୍ୟ ଅଧାପକ ସମୀର କୁମାର ସାହୁଙ୍କ ଦ୍ୱାରା ଯୌନ ନିର୍ଯ୍ୟାତନାର ଶିକାର ହୋଇ ଜଣେ ଛାତ୍ରୀ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମାହୁତି କରିବାକୁ ଉଦ୍ୟମ କରିଥିଲେ । ଯାହା ଆଜି ସମଗ୍ର ରାଜ୍ୟରେ ଏପରିକି ଦେଶରେ ଆଲୋଡନ ସୃଷ୍ଟି କରିଛି । ତାକୁ ଆଜକୁ ଛଅ ମାସ ଧରି ଅଧାପକଙ୍କ ଦ୍ୱାରା ଦିଆଯାଉଥିବା ଶାରୀରିକ, ମାନସିକ ନିର୍ଯ୍ୟାତନା ସମ୍ପର୍କରେ ପୀଡିତା ନିଜ ସୋସିଆଲ ମିଡିଆରେ ଜଣାଇଥିଲେ ଏବଂ ଚଳିତ ମାସ ୧ ତାରିଖରେ ସେ ବରିଷ୍ଠ ପୋଲିଦ ଅଧିକାରୀ, ଅଧାପକ ଓ କେତେଜଣ ଛାତ୍ରୀ ଛାତ୍ରଙ୍କ ଉପସ୍ଥିତିରେ କଲେଜର ବଡଗୁରୁ ବା ଅଧକ୍ଷଙ୍କୁ ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା କେହି ତାଙ୍କ କଥାକୁ ବିଶେଷ କରି କଲେଜର ଅଧକ୍ଷ ଏହାକୁ ଅଣଦେଖା କରିଥିଲେ । ଏହା ଏକ ଗୁରୁ ଚରିତ୍ରରେ କଳାଦାଗ ଆଙ୍କି ଦେଇଛି । କେବଳ ସେତିକି ନୁହେଁ ତାଙ୍କ ନିର୍ଯ୍ୟାତନା ସମ୍ପର୍କରେ ସେ ତାଙ୍କର 'ଢ' ହ୍ୟାଣ୍ଡଲରେ ଉଚ୍ଚଶିକ୍ଷା ବିଭାଗ, ମାନ୍ୟବର ମନ୍ତ୍ରୀ ସୂର୍ଯ୍ୟବଂଶୀ ବିଜେପି,କେନ୍ଦ୍ର ମନ୍ତ୍ରୀ ଡିପ୍ରଧାନବିଜେପି,ସିଏମଓ ଓଡିଶା, ମାନସକୁମାର ଦ□, ଏନ.ସି.ଡବ୍ଲୁ ଇଣ୍ଡିଆ କୁ ନିଜର ନିର୍ଯ୍ୟାତନାର କାହାଣୀ ଜଣାଇ ସଠିକ୍ ନ୍ୟାୟ ଆଶା କରିଥିଲେ ମାତ୍ର ଫଳ ଓଲଟା ହେଲା କେହି ଜଣେ ହେଲେ ତାଙ୍କର ଦୁଃଖ ଭରା କାହାଣୀକୁ ଗୁରୁତ୍ୱ ଦେଇଥିଲେ । ଏଠାରେ ପ୍ରଶ୍ନ ଉଠେ ବିଭାଗୀୟ ମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀଙ୍କର ଆଇ.ଟି ସେଲରେ କାର୍ଯ୍ୟ କରୁଥିବା ବ୍ୟକ୍ତି ବିଶେଷଙ୍କ ବିରୁଦ୍ଧରେ କାହିଁକି ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନନିଆଯିବ ? ନିର୍ଯ୍ୟାତିତା ଛାତ୍ରୀଙ୍କ କୋହଭରା କାହାଣୀ ଯଦି କେହି ଜଣେ ହେଲେବି ମାନବିକତା ଦୃଷ୍ଟିରୁ ବିଚାରକୁ ନେଇଥାନ୍ତେ ତେବେ ସତୀର୍ଥ ଓଡିଶା ମାଟିରେ ଏଭଳି ନାରକୀୟ କାଣ୍ଡ ଘଟିନଥାନ୍ତା । କଥାରେ ଅଛି 'ଚିଡିଆ ଚୁକ ଗଇ କ୍ଷେତ' ନେଡି ଗୁଡ କହୁଣୀକୁ ବୋହିଗଲା ପରେ କେତେ କମିଟି ଗଠନ ପାଇଁ ନିର୍ଦ୍ଦେଶ ନାମା ଜାରି ହେଲାଣି କିନ୍ତୁ ପୀଡିତା କୁ କ'ଣ ଏହା ଜୀବନ ଦାନ ଦେଇ ପାରିବ ? ଏଭଳି ଶିକ୍ଷାଗୁରୁ ଯଦି ଶିକ୍ଷାୟତନରେ ରହିବେ ସେଠାରେ ଶିକ୍ଷା ଗ୍ରହଣ କରୁଥିବା ଛାତ୍ରୀମାନଙ୍କ ସୁରକ୍ଷା କିପରି ହେବ ? ରକ୍ଷକ ଯଦି ଭକ୍ଷକ ହୁଏ ତେବେ ସମାଜରେ ଏ କଳଙ୍କିତ ଅଧାୟ ବଳବ□ର ରହିବ ! କୁରୁ ସଭାରେ ଦୌପଦୀଙ୍କ ବସ୍ତ୍ର ହରଣ ସମୟରେ ସେଠାରେ ଉପସ୍ଥିତ ଥିବା ସମର୍ଥ ବ୍ୟକ୍ତିମାନେ ନିଜର ସାମର୍ଥ୍ୟକୁ ନଲାଗାଇ ନୀରବ ଦ୍ରଷ୍ଟା ହୋଇଥିବାରୁ ଇଚ୍ଛାମୃତ୍ୟୁ ବର ପ୍ରାପ୍ତି ପିତାମହ ଭୀଷ୍ମଙ୍କୁ ଶରସଯ୍ୟା ଦଣ୍ଡ ଭୋଗିବାକୁ ପଡିଥିଲା । ଦ୍ରୋଣଙ୍କୁ ନିଜ ପୁତ୍ରର ମିଥ୍ୟା ଖବରରେ ଶିରଛେଦନ ଦଣ୍ଡ ଭୋଗିବାକୁ ପଡିଥିଲା । ତେଣୁ ଯଦି ନଗନ୍ୟ କାର୍ଯ୍ୟ ପାଇଁ ଭୀଷ୍ମ, ଦ୍ରୋଣଙ୍କୁ ଦଣ୍ଡ ଭୋଗିବାକୁ ପଡିଛି ତେବେ କଲେଜର ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକଙ୍କୁ କିଏ ପଚାରେ ? ସିଏତ ପର କଥା ସେ କେଉଁ ପ୍ରକାରରେ ବିଧି ଦ୍ୱାରା ଦଣ୍ଡିତ ହେବେ ତାହା ସମୟ କହିବ ! ଦେଖିବାକୁ ବାକି ରହିଲା ମାନ୍ୟବର ମୁଖ୍ୟମନ୍ତ୍ରୀ ନିଜ ବିଭାଗର ପଦାଧିକାରୀ ତଥା ରାଜ୍ୟ ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ବିରୁଦ୍ଧରେ କି ପ୍ରକାର ଦୃଷ୍ଟାନ୍ତ ମୂଳକ କାର୍ଯ୍ୟପନ୍ଥା ଗ୍ରହଣ କରୁଛନ୍ତି ଯାହାକୁ ରାଜ୍ୟବାସୀ ଅପେକ୍ଷା ରତ । ଏଭଳି ଘଟଣା ସାରା ରାଜ୍ୟରେ ଚହଳ ପକାଇବା ସହ ବିରୋଧିଙ୍କୁ ଖୋରାକ୍ ଯୋଗାଇଛି । ବାସ୍ତବିକ ଗୁରୁ ଶିଷ୍ୟର ସମ୍ପର୍କ ପରମାତ୍ମାଙ୍କ ଆଶିର୍ବାଦ । ଗୁରୁ ହୃଦୟରେ ଶିଷ୍ୟର କଲ୍ୟାଣ କିପରି ହେବ, ସର୍ବଦା ଏହି ଭାବ ରହିବା ଉଚିତ କିନ୍ତୁ ଏହି ପରି ଗୁରୁ ଯଦି ସମାଜରେ ରହିବେ ତେବେ ସମଗ୍ର ଗୁରୁ କୂଳ ପ୍ରତି ଏହା ଏକ କଳଙ୍କିତ ଅଧାୟ ନୁହେଁ କି ?

*ଖୋର୍ଦ୍ଧା (୬୩୭୦୬ ୭୫୫୬୨)*

# 'ଜୀବନ ସଙ୍ଗୀତରେ ବେସୁରା ବେତାଳ ଶତ୍ରୁ....'


ଅନୁପମା ଭୂୟାଁ

ପଣ୍ଡିତ ଭୁବନେଶ୍ୱର ମିଶ୍ରଙ୍କର ଜୀବନ ଥିଲା ସଂଗୀତମୟ । ସଂଗୀତ ବ୍ୟତୀତ ବୋଧହୁଏ ଜୀବନର ଅନ୍ୟ କୌଣସି ଦିଗକୁ ଏତେ ନିବିଡ଼ ଭାବେ ସେ ଚାହିଁନାହାନ୍ତି । ଏକଦା ସେ ପତ୍ରକାରଙ୍କ ଏକ ପ୍ରଶ୍ନର ଉତରରେ କହିଥିଲେ ମୋର ଦୁଇଟି ଶତ୍ରୁ । ଗୋଟିଏ ବେସୁରା ଓ ଅନ୍ୟଟି ବେତାଳ । ଏଥିରେ ସ୍ପଷ୍ଟ ବୁଝିହୁଏ, ତାଙ୍କର ଜଗତ କେବଳ ସଂଗୀତ ହିଁ ଥିଲା । ସୌମ୍ୟକାନ୍ତ ଚେହେରା ସଙ୍ଗକୁ ମଧୁର କଥା ଓ ସ୍ନେହଭରା ଶିକ୍ଷା, ତାଙ୍କୁ ଯଥାର୍ଥରେ ପଣ୍ଡିତ ବା ଗୁରୁ ପଦବାଚ୍ୟ କରିଛି । ସେ ହେଉଛନ୍ତି ପ୍ରକୃତ ଗୁରୁ, ଯାହାଙ୍କ ପାଣ୍ଡିତ୍ୟ ଓ ବ୍ୟକ୍ତିତ୍ୱ ନିକଟରେ ଆପେ ଆପେ ମଥା ନତ ହୋଇଯାଏ । ମନ ଚାହେଁ ଯଥା ସମ୍ଭବ ସମ୍ମାନ ଦେବା ପାଇଁ । ଏହିପରି ଏକ ବିରାଟ ବ୍ୟକ୍ତିତ୍ୱ ପଣ୍ଡିତ ଭୁବନେଶ୍ୱର ମିଶ୍ର । ଓଡ଼ିଶାର ସଂଗୀତ ଜଗତ୍‌କୁ ତାଙ୍କ ଦାନ ଅତୁଳନୀୟ । ଓଡ଼ିଶୀ ହେଉ ବା ସୁଗମ ସଂଗୀତ ବା ଚଳଚ୍ଚିତ୍ର ସଂଗୀତ, ସବୁଥିରେ ତାଙ୍କର ମଧୁର ଅବଦାନ ଉପଭୋଗ୍ୟ । ଅଳ୍ପ କହୁଥିଲେ ଏବଂ ଅଧିକ ମଉନ ରହୁଥିଲେ ବୋଲି ବାପା ନାମ ଦେଇଥିଲେ ମୁନି । ତାଙ୍କର ପ୍ରକୃତି ସହ ନାମର ସୁନ୍ଦର ତାଳମେଳ ଥିଲା । ସେ ଥିଲେ ସ୍ୱରର ଯାଦୁକର । ଶ୍ରୀଜୟଦେବଙ୍କ ଅମର କୃତି ଗୀତାଗୋବିନ୍ଦର ଯେଉଁ ସ୍ୱରଗୁଡ଼ିକ କରିଯାଇଛନ୍ତି, ତାହା ବିଶ୍ୱ ପ୍ରସିଦ୍ଧ ହୋଇଛି ଓଡ଼ିଶୀ ନୃତ୍ୟ ମାଧ୍ୟମରେ । ସେହି ଗୀତଗୁଡ଼ିକ କେବଳ ଗାୟନରେ ମଧ ଶ୍ରୋତାଙ୍କ ହୃଦୟଗ୍ରାହୀ ହୋଇଛି । ଓଡ଼ିଶୀ ନୃତ୍ୟକୁ ତାଙ୍କର ଅବଦାନ ଚିରସ୍ମରଣୀୟ । ସଂଗୀତ, ନୃତ୍ୟର ମୂଳାଧାର । ଆଉ ସେହି ମୂଳାଧାରର କର୍ଣ୍ଣଧାର ପଣ୍ଡିତ ଭୁବନେଶ୍ୱର । ହିନ୍ଦୁସ୍ତାନୀ, କର୍ଣ୍ଣାଟକୀ ଏବଂ ଓଡ଼ିଶୀ ଶୈଳୀରେ ସେ ଥିଲେ ଦକ୍ଷ । ଯାହାସବୁ ସଂଯୋଜନା କରିଯାଇଛନ୍ତି, ଅନନ୍ୟ ଅସାଧାରଣ । ତାଙ୍କର ବେହେଲା ବାଦନ ବିଶ୍ୱ ପ୍ରସିଦ୍ଧ । ତାଙ୍କ ହାତରେ ବେହେଲା କେବଳ ବାଜୁ ନଥିଲା ସତେ ଯେପରି କହୁଥିଲା । ଗାୟକୀ ଅଙ୍ଗର ସ୍ୱତନ୍ତ୍ରତା, ରାଗର ଶୁଦ୍ଧତା ଓ ବାଦନ ଶୈଳୀର ମଧୁରତା, ତାଙ୍କ ବାଦନକୁ କରିଥିଲା ରସମୟ । ବ୍ୟକ୍ତିଗତ ଜୀବନର ସମସ୍ତ ଦୁଃଖ ସେ ଭୁଲିଯାଉଥିଲେ ସଂଗୀତ ମଧରେ । ତାଙ୍କର ନିଷ୍ଠାପରତା, ଅମାୟିକ ଭାବ, ସାଧୁତା, କରୁଥିବା କାର୍ଯ୍ୟ ପ୍ରତି ଆନୁଗତ୍ୟ ଏବଂ ସର୍ବୋପରି ତାଙ୍କର ସର୍ଜନା, ସଂଗୀତ ଜଗତରେ ତାଙ୍କୁ ଚିରକାଳ ପାଇଁ ଅମର କରିରଖିବ । ୧୯୨୭ ଜୁଲାଇ ଆଜିର ଦିନରେ ଜନ୍ମ ହୋଇଥିଲେ ସଂଗୀତ ଦୁନିଆର ଏହି ମହାନ ସାଧକ ।

# ଜଳ ଭଗବାନଙ୍କର ଏକ ଅମୂଲ୍ୟ ଉପହାର

**ଡକ୍ଟର ସୁରେଶ କୁମାର ନାୟକ**

ସୃଷ୍ଟିର ପ୍ରାରମ୍ଭରେ ନିରାକାର ପରଂବ୍ରହ୍ମ ଏକାକୀ ଥିଲେ । ଲୀଳା ପ୍ରକଟନ ନିମନ୍ତେ ସେ ସୃଷ୍ଟି ସଂରଚନା କଲେ । ଏ ସମ୍ବନ୍ଧରେ ନାରାୟଣ ଉପନିଷଦରେ ବର୍ଣ୍ଣିତ ଅଛି – ''ଅଥ ପୁରୁଷୋ ହ ବୈ ନାରାୟଣୋକାମୟତ ପ୍ରଜାଃ ସୃଜେୟେତି । ନାରାୟଣାତ୍ ପ୍ରଣୋ ଜାୟତେ । ମନଃ ସର୍ବେନ୍ଦ୍ରିୟାଣି ଚ, ଖଂ ବାୟୁ ଜ୍ୟୋତିରାପଃ ପୃଥିବୀ ବିଶ୍ୱସ୍ୟ ଧାରିଣୀ ।'' ଅର୍ଥାତ୍ – ''ପରଂବ୍ରହ୍ମ ନାରାୟଣ ପ୍ରଜା ସୃଷ୍ଟି କରିବାକୁ ଇଚ୍ଛା କଲେ । ତେଣୁ ପ୍ରଥମେ ତାଙ୍କ ଠାରୁ ପ୍ରାଣ ସୃଷ୍ଟି ହେଲା । ତତ୍ପରେ ମନ ଏବଂ ଇନ୍ଦ୍ରିୟଗଣ ସୃଷ୍ଟି ହେଲେ । ପରିଶେଷରେ ବିଶ୍ୱକୁ ଧାରଣ କରିଥିବା ପ*ମହଭୂତ ଯଥା – ଆକାଶ, ବାୟୁ, ଅଗ୍ନି, ଜଳ ଏବଂ ପୃଥିବୀ ସୃଷ୍ଟି ହେଲେ ।''

ଏହି ପ* ମହାଭୂତଗଣ ଏକ ପରେ ଏକ ସୃଷ୍ଟି ହେବାର ତୈତ୍ତିରୀୟ ଉପନିଷଦରେ କୁହାଯାଇଛି, ଯଥା – ''ତସ୍ମାଦ୍ ବା ଏତସ୍ମାଦାତ୍ମନ ଆକାଶଃ ସମ୍ଭୁତଃ । ଆକାଶାଦ୍ ବାୟୁଃ, ବାୟୋ- ରଗ୍ନିଃ, ଅଗ୍ନେରାପଃ । ଅହଭ୍ୟଃ ପୃଥିବୀ, ପୃଥିବ୍ୟା ଔଷଧୟଃ, ଔଷଧିଭ୍ୟୋ ଅନ୍ନମ୍, ଅନ୍ନାତ୍ ପୁରୁଷଃ ।'' ଅର୍ଥାତ୍ ''ପ୍ରଥମେ ଆକାଶ ସୃଷ୍ଟି ହେଲା; ଆକାଶରୁ ବାୟୁ; ବାୟୁରୁ ଅଗ୍ନି; ଅଗ୍ନିରୁ ଜଳ; ଜଳରୁ ପୃଥିବୀ; ପୃଥିବୀରୁ ଔଷଧ (ବନସ୍ପତି); ଔଷଧରୁ ଅନ୍ନ (ଖାଦ୍ୟ) ଏବଂ ଅନ୍ନରୁ ପୁରୁଷ (ପ୍ରାଣୀ) ସୃଷ୍ଟି ହେଲେ ।'' ସର୍ବଶେଷରେ ସୃଷ୍ଟିର ଶ୍ରେଷ୍ଠତମ ଜୀବ ମନୁଷ୍ୟ ସୃଷ୍ଟି ହେଲା । ପ*ମହାଭୂତ ସୃଷ୍ଟି ହେବାପରେ ସ୍ୱୟଂ ପରଂବ୍ରହ୍ମ ଏହା ମଧ୍ୟରେ ପ୍ରବେଶ କରିଗଲେ । ତେଣୁ ପ*ମହାଭୂତ ପ୍ରତ୍ୟେକଙ୍କୁ ଦେବତା ବୋଲି ମାନ୍ୟ କରାଯାଏ । ଯଥା – ଆକାଶକୁ ନାଦବ୍ରହ୍ମ, ବାୟୁକୁ ବାୟୁଦେବ; ଅଗ୍ନିକୁ ଅଗ୍ନିଦେବ; ଜଳକୁ ବରୁଣଦେବ ଏବଂ ପୃଥିବୀକୁ ଭୂଦେବୀ (ବିଷ୍ଣୁପତ୍ନୀ) ବୋଲି କୁହାଯାଏ ।

ପ୍ରତ୍ୟେକ ମହାଭୂତଙ୍କର ସ୍ୱତନ୍ତ୍ର ଧର୍ମ ଅଛି । ସେମାନଙ୍କର ନିଜସ୍ୱ ସାଧାରଣ ଗୁଣ ବ୍ୟତୀତ ଆଉ ଅନେକ ଅସାଦାରଣ ଗୁଣ ଥିବାର ଆମ ଶାସ୍ତ୍ରରେ ବର୍ଣ୍ଣନା କରାଯାଇଛି, ଯାହା ସହଜରେ ବୋଧଗମ୍ୟ ହୁଏ ନାହିଁ । ଆଧୁନିକ ବିଜ୍ଞାନ ଦିନକୁ ଦିନ ଏ ସବୁ ଉପରେ ଆଲୋକପାତ କରୁଛି । ଉଦାହରଣ ସ୍ୱରୂପ ଏ ପ୍ରବନ୍ଧରେ ଜଳ ମହାଭୂତର ଏପରି କେତେକ ଅଲୌକିକ ଗୁଣାବଳୀ ଉପରେ ଆଲୋଚନା କରାଯାଇଛି ।

ଉପନିଷଦରେ କୁହାଗଲା, ''ଅଗ୍ନେ ରାପଃ'' ଅର୍ଥାତ୍ ଅଗ୍ନିରୁ ଜଳ ସୃଷ୍ଟି । କିନ୍ତୁ ଆମେ ବିଜ୍ଞାନରୁ ଜାଣିଛୁ ଯେ ଉଦ୍‌ଜାନ ଓ ଅମ୍ଳଜାନ ଗ୍ୟାସର ସମ୍ମିଶ୍ରଣରୁ ଜଳର ସୃଷ୍ଟି । ଅମ୍ଳଜାନ ଗୋଟିଏ ଗ୍ୟାସ ଯାହା ଜ୍ୱଳନର ସହାୟକ । ଉଦ୍‌ଜାନ ମଧ ଏକ ଗ୍ୟାସ ଯେ କି ସ୍ୱୟଂ ଜ୍ୱଳନକ୍ଷମ । ମାତ୍ର ଆଶ୍ଚର୍ଯ୍ୟର କଥା ଏହି ଦୁଇଟି ଗ୍ୟାସରୁ ପ୍ରସ୍ତୁତ ଜଳ ଅଗ୍ନିକୁ ନିର୍ବାପନ ପାଇଁ ସମର୍ଥ । ଜଳର ଉତ୍ପତି ବିଷୟରେ ତୈତ୍ତିରୀୟ ଉପନିଷଦ କହେ, ''ଅଥାଧିଜ୍ୟୋତିଷମ୍, ଅଗ୍ନିଃ ପୂର୍ବରୂପମ୍, ଆଦିତ୍ୟ ଉତର ରୂପମ୍, ଆପସନ୍ଧିଃ, ବୈଦ୍ୟୁତ ସନ୍ଧାନମ୍ ଇତ୍ୟଧି ଜ୍ୟୋତିଷମ୍'' । ଏହାର ଅର୍ଥ ଅଗ୍ନି ଏବଂ ଆଦିତ୍ୟ (ସୂର୍ଯ୍ୟ)ଙ୍କ ଦ୍ୱାରା ବିଦ୍ୟୁତ ମାଧ୍ୟମରେ ଆପଃ (ଜଳର) ଉତ୍ପତି ହୋଇଅଛି । ପ୍ରକୃତରେ ବିଜ୍ଞାନଗାରରେ ଉଦ୍‌ଜାନ ଏବଂ ଅମ୍ଳଜାନର ଏକ ସୂକ୍ଷ୍ମ ସ୍ରୋତରେ ସ୍ୱଳ୍ପ ବିଦ୍ୟୁତ୍‌ଶକ୍ତି ପ୍ରୟୋଗରେ ଜଳ ଉତ୍ପନ କରାଯାଇଥାଏ । ଏଠାରେ ଲକ୍ଷ କରିବା କଥା ବିଦ୍ୟୁତଶକ୍ତି ସମ୍ବନ୍ଧୀୟ ଜ୍ଞାନ ଆମ ପୂର୍ବଜ (ମୁନିଋଷି) ମାନଙ୍କୁ ବୈଦିକ ଯୁଗରୁ (ପ୍ରାୟ ପଚିଶି ହଜାର ବର୍ଷ ତଳୁ) ଜଣାଥିଲା ।

ମହାନାରାୟଣ ଉପନିଷଦରେ ''ସର୍ବଦେବ ଆପଃ'' ଅର୍ଥାତ୍ ସମସ୍ତ ଦେବତାମାନେ ଜଳ ବୋଲି ଏକ ସ୍ତୋତ ଅଛି । ଯଥା – ''ଆପୋ ବା ଇଦ୍‌ଗଂ ସର୍ବଂ ବିଶ୍ୱା ଭୂତାନ୍ୟାପଃ ପ୍ରାଣା ବା ଆପଃ ପଶବ ଆପୋନ୍ନ – ମାପୋମୃତ – ମାପଃସମ୍ରାଡାପୋ ବିରାଡ଼ାପଃ – ସ୍ୱରାଡାପ ଛନ୍ଦାଗସ୍ୟାପୋ ଜ୍ୟୋତିଗ୍-ଷ୍ୟାପୋ ଯକୁ ଗ୍ – ଷ୍ୟାପଃ-ସତ୍ୟମାପଃ- ସର୍ବଦେବତା ଆପୋ ଭୂର୍ଭୂବ – ସୁବ – ରାପ ଓମ୍'' ଏହାର ଅର୍ଥ ହେଲା ଯାହାକିଛି ବିଶ୍ୱରେ ପରିଦୃଷ୍ଟ ପ୍ରାଣ, ପଶୁଗଣ, ଅନ୍ନ, ଅମୃତ ସମ୍ରାଟ (ବିଶ୍ୱପତି), ବିରାଟ (ସାମଗ୍ରିକ ବିଶ୍ୱ), ସ୍ୱରାଟ (ବିଧାତା) ବୈଦିକ ଛନ୍ଦ ଜ୍ୟୋତିଃ, ଯଜୁଃ (ଯଜ୍ଞ), ସତ୍ୟ, ଭୂଃ (ପୃଥିବୀ), ଭୂର୍ବଃ (ଅନ୍ତରୀକ୍ଷ) ଏବଂ ସ୍ୱଃ (ସ୍ୱର୍ଗ) ଏ ସମସ୍ତ ଜଳର ରୂପାନ୍ତର ମାତ୍ର । ବେଦରେ ମନ୍ତ୍ରପୁଷ୍ପର ଏକ ଶ୍ଲୋକରେ ମଧ କୁହାଯାଇଛି, ''ଯ ଏବଂ ବେଦ ଯୋଂପାମାୟତନଂ ବେଦ । ଆୟତନବାନ୍ ଭବତି ।'' ଏହାର ଅର୍ଥ – ''ଯାହାଙ୍କର ଜଳର ଉତ୍ପତ ଏବଂ ବ୍ୟାପ୍ତି ବିଷୟରେ ଧାରଣା ଅଛି ତାଙ୍କର ବାସ୍ତବରେ ଜ୍ଞାନର ବ୍ୟାପକତା ଅଛି ।'' ଉପନିଷଦର ଉପରୋକ୍ତ ବାକ୍ୟଗୁଡ଼ିକ ଜଳର ବ୍ୟାପକତା, ମହନୀୟତା ଏବଂ ଅନ୍ତର୍ନିହିତ ଦୈବୀଗୁଣର ଆଲେଖ୍ୟ ବହନ କରନ୍ତି ।

ଆମେ ଜାଣୁ ଯେ ପୃଥିବୀର ତିନି ଚତୁର୍ଥାଂଶ ଜଳ ଦ୍ୱାରା ଆଚ୍ଛାଦିତ । ପୃଥିବୀର ଅଭ୍ୟନ୍ତରରେ ଜଳସ୍ତର ମଧ ଅଛି । ସେଥିପାଇଁ ଜଳକୁ ''ପୃଥିବୀର ରସ'' ବୋଲି କୁହାଯାଏ । ଜଳ ପ୍ରକୃତରେ ସର୍ବବ୍ୟାପୀ । ଆମ ଶରୀରର ରକ୍ତରସରେ ୯୩ ପ୍ରତିଶତ, ମାଂସପେଶୀରେ ୭୫ ପ୍ରତିଶତ ଓ ଅସ୍ଥି ସଂରଚନାରେ ୫୦ ପ୍ରତିଶତ ଜଳ ଅଛି । ଶରୀରର ଜୀବକୋଷଗୁଡ଼ିକର ସାଇଟୋପ୍ଲାଜମ୍ ଜଳଦ୍ୱାରା ଭରପୂର । ଆମେ ଉପଯୋଗ କରୁଥିବା ପନିପରିବାରେ ୫୦ରୁ ୭୫ ପ୍ରତିଶତ ଜଳ ବିଦ୍ୟମାନ । ସମସ୍ତ ପ୍ରକାର ରାସାୟନିକ ଏବଂ ଜୈବ ରାସାୟନିକ ପ୍ରକ୍ରିୟାରେ ଜଳର ଭୂମିକା ଅନସ୍ୱୀକାର୍ଯ୍ୟ । ଶରୀରର ଅନିଷ୍ଟକାରୀ ବର୍ଜ୍ୟବସ୍ତୁ ଗୁଡ଼ିକ ଜଳଦ୍ୱାରା ବହିଷ୍କୃତ ହୋଇଥାନ୍ତି । ଶାସ୍ତ୍ର କହେ ''ଅଦ୍‌ଭିଃ ଗାତ୍ରାଣି ଶୁଦ୍ଧ୍ୟନ୍ତି'' ଅର୍ଥାତ୍ ଶରୀର ଜଳଦ୍ୱାରା ହିଁ ଶୁଦ୍ଧ ହୁଏ । ଉପରୋକ୍ତ ବାକ୍ୟଗୁଡ଼ିକରୁ ''ଜଳ ହିଁ ଜୀବନ'' କୁହାଯିବା ଅଯଥାର୍ଥ ନୁହେଁ । ଆମେ ଜାଣୁ ଯେ ବାୟୁ (ଅମ୍ଳଜାନ) ବିନା ଦଶ ମିନିଟ୍ ଜୀବନ ଧାରଣ କରିବା ଅସମ୍ଭବ । ମାତ୍ର ଜଳ ବିନା କିଛି ଦିନ ବଂଚିବା ସମ୍ଭବ । ତଥାପି ଜଳକୁ ଜୀବନ କହିବାର ତାତ୍ପର୍ଯ୍ୟ ଅଛି । କାରଣ ଯେଉଁ ଅମ୍ଳଜାନକୁ ଜୀବନଧାରଣର ମୌଳିକ ଉପାଦାନ ବୋଲି କୁହାଯାଏ ତାହାର ଉଦ୍ଭବ କେବଳ ଜଳଦ୍ୱାରା ସମ୍ଭବ ହୋଇଥାଏ । ଉଦ୍ଭିଦମାନେ ମାଟିରୁ ଜଳ ଏବଂ ବାୟୁରୁ ଅଙ୍ଗାରକାମ୍ଳ ଗ୍ରହଣ କରି ସୂର୍ଯ୍ୟାଲୋକ ଉପସ୍ଥିତିରେ ପତ୍ରର ସବୁଜକଣିକା (କ୍ଲୋରୋଫିଲ୍) ମାଧ୍ୟମରେ ନିମ୍ନ ପ୍ରଦତ ସମୀକରଣ ଅନୁଯାୟୀ ଆଲୋକ ସଂଶ୍ଳେଷଣ କରିଥାନ୍ତି ।

ଜଳ + ଅଙ୍ଗାରକାମ୍ଳ + ସୌରଶକ୍ତି = ଶର୍କରା + ଅମ୍ଳଜାନ । ଉପରୋକ୍ତ ସମୀକରଣରେ ଉଦ୍‌ଗତ ଅମ୍ଳଜାନ କେବଳ ଜଳରୁ ହିଁ ଆସିଥାଏ, ଅଙ୍ଗାରକାମ୍ଳରୁ ନୁହେଁ । ଏହା ଆଧୁନିକ ବିଜ୍ଞାନର ଫଟୋଲିସିସ୍ ପରୀକ୍ଷା ଦ୍ୱାରା ପ୍ରମାଣିତ । ଏଣୁ ବାୟୁମଣ୍ଡଳରେ ଯେଉଁ ପୁଞ୍ଜିଭୂତ ଅମ୍ଳଜାନ ଗଚ୍ଛିତ ଅଛି ତାହା କେବଳ ଜଳରୁ ହିଁ ଆନୀତ ହୋଇଛି । ଏଥିପାଇଁ ଜଳକୁ ଜୀବନ କୁହାଯାଏ ।

ଜଳର କେତେଗୁଡ଼ିଏ ଆଶ୍ଚର୍ଯ୍ୟଜନକ ଭୌତିକଧର୍ମ ରହିଛି ଯାହା ଅନ୍ୟ ତରଳ ପଦାର୍ଥରେ ପରିଦୃଷ୍ଟ ହୁଏନାହିଁ । ଉଦାହରଣ ସ୍ୱରୂପ ଜଳକୁ ଚାରି ଡିଗ୍ରୀ ଫାରେନ୍‌ହିଟ୍ ତଳକୁ ଥଣ୍ଡା କଲେ ଜଳର ସଙ୍କୋଚନ ପରିବର୍ତେ ସମ୍ପ୍ରାସାରଣ ଘଟିଥାଏ । ଏପରି ବ୍ୟବହାର ଅନ୍ୟ କୌଣସି ତରଳ କିମ୍ୱା ଗ୍ୟାସୀୟ ପଦାର୍ଥରେ ଦେଖାଯାଏ ନାହିଁ । କାରଣ ସମସ୍ତ ପଦାର୍ଥ ଉତପ୍ତ ହେଲେ ସମ୍ପ୍ରସାରିତ ଏବଂ ଶୀତଳତା ପ୍ରାପ୍ତ ହେଲେ ସଙ୍କୁଚିତ ହୋଇଥାନ୍ତି । ଜଳର ଏହି ବ୍ୟତିକ୍ରମ ଭୌତିକ ଧର୍ମ ପଛରେ ସ୍ରଷ୍ଟାଙ୍କର ଏକ ପ୍ରଚ୍ଛନ୍ନ ଉଦ୍ଦେଶ୍ୟ ନିହିତ ଥିବାର ଅନୁମିତ ହୁଏ । ଜଳର ଉତାପ ଚାରି ଡିଗ୍ରୀ ଫାରେନ୍‌ହିଟ୍‌ରୁ କମ୍ ରହିଲେ ଜଳ ବରଫ ହୁଏ ଏବଂ ବରଫର ସାନ୍ଦ୍ରତା ଜଳ ଠାରୁ ନ୍ୟୁନ ହୋଇଥିବାରୁ ବରଫ ଜଳରେ ଭାସେ । ପୃଥିବୀର ମେରୁ ଅଂ*ଳରେ ତାପମାତ୍ରା ଚାରି ଡିଗ୍ରୀ ତଳକୁ ଆସିଲେ ଜଳ ଜଳ ଉପରେ ବରଫର ଆସ୍ତରଣ ପଡ଼ିଯାଏ, ଯାହାଦ୍ୱାରା ନିମ୍ନରେ ଥିବା ଜଳରୁ ଉତାପ ଉପରକୁ ଆସିପାରେ ନାହିଁ କାରଣ ବରଫ ତାପର କୁପରିବାହୀ । ତେଣୁ ବରଫ ଆସ୍ତରଣ ତଳେ ଥିବା ଏହି ଜଳ ବରଫରେ ପରିଣତ ହୋଇ ପାରେ ନାହିଁ । ଏଥିରେ ଜଳଜନ୍ତୁମାନେ ନିର୍ଭୟରେ ରହିପାରନ୍ତି । ସମସ୍ତ ଜଳ ଯଦି ଏକକାଳୀନ ବରଫରେ ପରିଣତ ହୋଇଯାଉଥାନ୍ତା ତେବେ ଏହି ଜୀବମାନେ ବରଫ ଭିତରେ ଚାପି ହୋଇ ମୃତ୍ୟୁବରଣ କରନ୍ତେ । ଅତଏବ ଏହା ସୁସ୍ପଷ୍ଟ ଯେ ଜଳର ଏହି ବ୍ୟତିକ୍ରମ ଧର୍ମ ଜଳଜୀବମାନଙ୍କର ଜୀବନରକ୍ଷା ପାଇଁ ଉଦ୍ଦିଷ୍ଟ ।

ଆଧୁନିକ ବିଜ୍ଞାନର ଗବେଷଣା ଜଳର କେତେକ ଅସାମାନ୍ୟ ଅଲୌକିକ ଗୁଣର ପରିଚୟ ଦିଏ । ଜାପାନୀ ବୈଜ୍ଞାନିକ ନାସାରୁ ଏମୋଟୋ ଜଳକୁ ଘନୀଭୂତ କରାଇ ଜଳ ସ୍ଫଟିକର ଫଟୋଗ୍ରାଫ୍ ନେବାକୁ ସକ୍ଷମ ହୋଇଛନ୍ତି । ବିଭିନ୍ନ ଉତ୍ସରୁ ସଂଗୃହୀତ ଜଳଗୁଡ଼ିକୁ ପରୀକ୍ଷାପାତ୍ରରେ ଶୀତଳୀକରଣ ପଦ୍ଧତିରେ ବରଫରେ ପରିଣତ କରାଯାଏ । ଏହି ବରଫ ତରଳିବାକୁ ଆରମ୍ଭ କଲେ ସେଥିରୁ ଜଳର ସ୍ଫଟିକମାନ ଉଦ୍ଭବ ହୁଅନ୍ତି ଏବଂ ସ୍ଫଟିକ ଗୁଡ଼ିକ କୋଡିଏରୁ ତିରିଶ ସେକେଣ୍ଡ ପର୍ଯ୍ୟନ୍ତ ରହିପାରନ୍ତି । ବୈଜ୍ଞାନିକ ଜଣକ ଏହି ଜଳସ୍ଫଟିକ ଗୁଡ଼ିକର ଫଟୋଗ୍ରାଫ୍ ନେଇ ସେଗୁଡ଼ିକ ଅଧୟନ କଲାପରେ ଜଳର ଅସାମାନ୍ୟ ଗୁଣର ପରିଚୟ ପାଇଲେ । ପ୍ରାକୃତିକ ଉତ୍ସ ଯଥା ନଦୀ, ଝରଣା ଜଳପ୍ରପାତରୁ ଆନୀତ ଜଳ ଗୁଡ଼ିକର ସ୍ଫଟିକ ଅତ୍ୟନ୍ତ ମନୋରମ ଏବଂ ସୁଦୃଶ୍ୟ ଥିଲା ମାତ୍ର ପ୍ରଦୂଷିତ ଜଳ କିମ୍ୱା କ୍ଲୋରିନ୍ ଦ୍ୱାରା ବିଶୋଧିତ ଜଳ ଆଦୌ ସ୍ଫଟିକ ଗଠନ କରୁନଥିଲା ।

ବୈଜ୍ଞାନିକ ଏମୋଟୋ ମଧ ଜଳ ଉପରେ ସଙ୍ଗୀତର ପ୍ରଭାବ ଏହି ପଦ୍ଧତିରେ ଅଧୟନ କରିଥିଲେ । ଗୋଟିଏ କାଚ ବୋତଲରେ କିଛି ସ୍ୱଚ୍ଛଜଳ ନେଇ ଦୁଇଟି ସଙ୍ଗୀତ ଯନ୍ତ୍ରର ମଧଭାଗରେ ରଖି ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କଲେ । ଏକ ଘଂଟା ପରେ ସେହି ଜଳକୁ ଘନୀଭୂତ କରି ଉପରୋକ୍ତ ପଦ୍ଧତିରେ ସ୍ଫଟିକ ଗଠନ କରି ଫଟୋଗ୍ରାଫ୍ ନେଲେ । ସେହି ସ୍ଫଟିକଗୁଡ଼ିକ ଅତ୍ୟନ୍ତ ମନୋରମ, ଉଜ୍ଜ୍ୱଳ, ଷଡ଼ଭୂଜାକାର ଥିଲା । ସଙ୍ଗୀତ ଯନ୍ତ୍ରରେ ପ୍ରାର୍ଥନା କିମ୍ୱା ଭଜନ ପରିବେଷଣ କରିବାରୁ ସ୍ଫଟିକଗୁଡ଼ିକ ଆହୁରି ସ୍ୱଚ୍ଛ ପ୍ରତୀୟମାନ ହେଲା ମାତ୍ର ଆଧୁନିକ ପାଶ୍ଚାତ୍ୟ ସଂଗୀତ ପରିବେଷଣ ଦ୍ୱାରା ସ୍ଫଟିକ ଆଦୌ ଗଠିତ ହେଉନଥିଲା । ଅନ୍ୟ ଏକ ପରୀକ୍ଷାରେ ବୋତଲ ଉପରେ ଆସ୍ତିସୂଚକ ଶବ୍ଦ କିମ୍ୱା ବାକ୍ୟ ଯଥା – 'ଧନ୍ୟବାଦ', 'ଆସନ୍ତୁ ମିଳିମିଶି କାମ କରିବା' ଲେଖାଯାଇ ସେହି ଜଳକୁ ଶୀତଳୀକରଣ କରି ସ୍ଫଟିକ ଗୁଡ଼ିକୁ ପରୀକ୍ଷା କରିବାରୁ ତାହା ମଧ ସ୍ୱଚ୍ଛ ଏବଂ ଉଜ୍ଜ୍ୱଳତର ଦୃଷ୍ଟିଗୋଚର ହେଲା । ଯଦି ନାସ୍ତିସୂଚକ ଶବ୍ଦ କିମ୍ୱା ବାକ୍ୟ ଯଥା – 'ନିର୍ବୋଧ', 'ତୁମେ ଜଣେ ବୋକା' ଇତ୍ୟାଦି ଲେଖାଯାଉଥିଲା ତେବେ ସ୍ଫଟିକଗୁଡ଼ିକ ଅସ୍ୱଚ୍ଛ ଏବଂ ଖଣ୍ଡିତ ହେଉଥିଲା । ଏଥିରୁ ଏହା ସୂଚିତ ହୁଏ ଯେ ଜଳ ଶବ୍ଦ ଗୁଡ଼ିକର ଅର୍ଥ ବୁଝିବାରେ ସକ୍ଷମ ଏବଂ ତଦନୁଯାୟୀ ପ୍ରତିକ୍ରିୟାଶୀଳ । ଆହୁରି ଆଶ୍ଚର୍ଯ୍ୟର କଥା ଯେ ବୋତଲ ଉପରେ 'ପ୍ରେମ', 'କୃତଜ୍ଞତା' ଏହି ଦୁଇଟି ଶବ୍ଦ ଲେଖିବା ଦ୍ୱାରା ସବୁଠାରୁ ସୁନ୍ଦର, ସୁଗଠିତ, ଷଡ଼ଭୂଜାକାର ସ୍ଫଟିକ ଗଠିତ ହେଉଥିଲା । ସତେ ଯେପରି ଜଳ ଏହି ଶବ୍ଦ ଦୁଇଟିରୁ ଅସୀମ ଆନନ୍ଦ ଆହରଣ କରୁଥିଲା । ଏପରିକି ଜଳକୁ ଗରମ ଅବସ୍ଥାରେ ଚୁମ୍ବକୀୟ ଶକ୍ତିପ୍ରଦାନ କରି ତାହାର ସ୍ଫଟିକ ଅନୁଧ୍ୟାନ କରିବାରୁ ଜଣାଗଲା ଯେ ପ୍ରେମ ଏବଂ କୃତଜ୍ଞତା ଲେଖାଥିବା ବୋତଲର ସ୍ଫଟିକ ଗୁଡ଼ିକ ଅକ୍ଷୁର୍ଣ୍ଣ ଥିଲା ମାତ୍ର କିଛି ଲେଖା ନଥିବା ବୋତଲର ସ୍ଫଟିକ ଗୁଡ଼ିକ ବିଖଣ୍ଡିତ ହୋଇଥିଲା । ଏହା ନିଶ୍ଚିନ୍ତ ଭାବରେ ପ୍ରମାଣ କରୁଛି ଯେ ଚୁମ୍ବକୀୟ ଶକ୍ତିର ଅନିଷ୍ଟକାରୀ ପ୍ରଭାବକୁ ଏହି ଦୁଇଟି ଶବ୍ଦ (ପ୍ରେମ, କୃତଜ୍ଞତା) ପ୍ରତିହତ କରିପାରୁଥିଲା ।

ଜାପାନର ଯୁହୋଇନ୍ ମନ୍ଦିରର ପ୍ରଧାନ ପୂଜକ କାଟୋ ହୋକି ନିକଟସ୍ଥ ହ୍ରଦର ଫୁଜିୟାର ଜଳପ୍ରପାତ ନିକଟରେ ପ୍ରତିଦିନ ଏକ ଘ[। ପ୍ରାର୍ଥନା କରନ୍ତି । ସେ ପ୍ରାର୍ଥନା କରିବା ପୂର୍ବରୁ ଏବଂ ପରେ ସେହି ପ୍ରପାତର ଜଳକୁ ନେଇ ଶୀତଳୀକରଣ କରାଯାଇ ଫଟୋଗ୍ରାଫ୍ ନିଆଗଲା । ଦେଖାଗଲା ପ୍ରାର୍ଥନା ପରର ଜଳସ୍ଫଟିକ ଗୁଡ଼ିକ ସୁନ୍ଦର, ସ୍ୱଚ୍ଛ, ଉଜ୍ଜ୍ୱଳ ଓ ଷଡ଼ଭୂଜାକାର ଥିଲା । ମାତ୍ର ପ୍ରାର୍ଥନା ପୂର୍ବର ଜଳରୁ ଏପରି ସ୍ଫଟିକ ମିଳି ନଥିଲା ।

ଜଳର ବିଭିନ୍ନ ପ୍ରକାର ଶକ୍ତିକୁ (ଯଥା – ତାପଶକ୍ତି, ଚୁମ୍ବକୀୟ ଶକ୍ତି, ଶବ୍ଦ ଶକ୍ତି, ମନ୍ତ୍ର ଶକ୍ତି ଇତ୍ୟାଦି) ଗ୍ରହଣ କରି ଧରି ରଖିପାରେ । ଏହାଦ୍ୱାରା ଜଳର ଆଭ୍ୟନ୍ତରୀଣ ସଂରଚନା (ଚକ୍ଟକ୍ଷଚ୍ଛଜ୍ଞକ୍ଟକ୍ସ- କ୍ଟକ୍ଷସମ ଝସ୍ପକ୍ସଙ୍କମସ୍ପଙ୍କକ୍ସର) ର ପରିବର୍ତନ ଘଟିଥାଏ । ଶକ୍ତିଗୁଡ଼ିକର ଯଥାଯୋଗ ବିନିଯୋଗ ହେବାପରେ ଜଳ ପୂର୍ବାବସ୍ଥାକୁ ଫେରିଆସେ । ଜଳ ପ୍ରାୟ ଏକ ଶହରୁ ଅଧିକ ସଂରଚନାରେ ରହିପାରେ ବୋଲି ବିଜ୍ଞାନ କହେ । ଭାରତବର୍ଷରେ ଏବଂ ଅନ୍ୟ କେତେକ ଦେଶରେ ଜଳକୁ ଅଭିମନ୍ତ୍ରିତ କରି ଯଜ୍ଞ ଆଦି ଉପାସନାରେ ବ୍ୟବହାର କରାଯାଏ । ରୋଗ ଉପଚାର ପାଇଁ ମଧ ପ୍ରୟୋଗ କରାଯାଇଥାଏ । ଏହାକୁ କେହି କେହି ଅନ୍ଧବିଶ୍ୱାସର ଆଖ୍ୟା ଦେଇଥାନ୍ତି । ମାତ୍ର ଉପରୋକ୍ତ ବର୍ଣ୍ଣନା ଅନୁଯାୟୀ ଜଳର ମନ୍ତ୍ର ଶକ୍ତିକୁ ଗ୍ରହଣ କରିବା ଏବଂ ଉପଯୋଗ କରିବା ବିଜ୍ଞାନ ସମ୍ମତ । ଅବଶ୍ୟ ଏଥିପାଇଁ ଅଧିକ ଗବେଷଣା ଆବଶ୍ୟକ ।

ମୋଟ ଉପରେ କହିବାକୁଗଲେ ଜଳ ଆମର ଚିନ୍ତା, ଆବେଗ, ବାକ୍ୟ, ବିଭିନ୍ନ ଭାଷାରେ ଲିଖିତ ଶବ୍ଦ ବୁଝିପାରେ ଏବଂ ତଦନୁଯାୟୀ ସଚେତନ ସ୍ଫଟିକ ଗଠନ କରେ ଏବଂ ପରିସ୍ଥିତି ଅନୁଯାୟୀ ଆକାର ପରିବର୍ତନ କରେ । ସତ୍ୟ, ଧର୍ମ, ଶାନ୍ତି, ପ୍ରେମ, ଅହିଂସା ଓ କୃତଜ୍ଞତା ଆଦି ମାନବୀୟ ମୂଲ୍ୟବୋଧ ଗୁଡ଼ିକୁ ଜଳ ସ୍ୱତଃ ଗ୍ରହଣ କରିଥାଏ ଓ ଏଗୁଡ଼ିକର ବ୍ୟତିକ୍ରମରେ ବିପରୀତ ପ୍ରତିକ୍ରିୟା ପ୍ରକାଶ କରେ । ଏଣୁ ଜଳ ଜଡ଼ ନୁହେଁ ବରଂ ଚେତନାଯୁକ୍ତ । ଏଥିପାଇଁ ଜଳକୁ ସ୍ରଷ୍ଟାଙ୍କର ଅମୂଲ୍ୟ ଦାନ ବୋଲି ଯଥାର୍ଥରେ କୁହାଯାଇପାରେ ।

*ଅଧକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ,*
*ସେକ୍ଟର-୯, ସିଡିଏ, କଟକ,*
*ଦୂରଭାଷ : ୯୪୩୭୨୨୫୫୯୨*

# ସୁପ୍ରିମକୋର୍ଟଙ୍କ ମନ୍ତବ୍ୟ ଯଥାର୍ଥ


ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ଭୋଟ ଅଧିକାର ଏବଂ ଭୋଟଦାନର ସ୍ୱାଧୀନତା ହେଉଛି ଏକ ସଫଳ ଗଣତନ୍ତ୍ରର ଅତ୍ୟାବଶ୍ୟକୀୟ ବୈଶିଷ୍ଟ୍ୟ । ଆହୁରି ମଧ ନିର୍ବାଚନ ଫଳାଫଳରେ ଲୋକପ୍ରିୟ ଜନାଦେଶର ପ୍ରତିଫଳନ ପାଇଁ ଏସବୁ ହେଉଛି ଆନୁସଙ୍ଗିକ ଆବଶ୍ୟକତା । ନିର୍ବାଚନ ପ୍ରକିୟାରେ ପବିତ୍ରତା ରକ୍ଷା କରିବା ହେଉ ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କ ଦାୟିତ୍ୱ । ଏହାର ଅର୍ଥ ହେଉଛି ଯେ, ଭାରତର ଜଣେ ନାଗରିକ, ଯେ କି ଭୋଟଦାନ ପାଇଁ ଯୋଗ୍ୟ । ଭୋଟର ତାଲିକାରୁ ଯେପରି ବାଦ ନଡନ୍ତି କିମ୍ବା ଜଣେ ଅଣ-ଭାରତୀୟ ଯେପରି ଭୋଟର ତାଲିକା ଭୁକ୍ତ ନହୁଅନ୍ତି । ଏହି ଉଦ୍ଦେଶ୍ୟରେ ନିର୍ବାଚନ କମିଶନ ନିର୍ଦ୍ଧିଷ୍ଟ ସମୟରେ ଭୋଟର ତାଲିକା ସଂଶୋଧନ କରିଥାନ୍ତି । ଯାହାକି ଏକ ନିୟମିତ ପ୍ରକ୍ରୀୟା । ତେଣୁ ନିର୍ବାଚନ ପୂର୍ବରୁ ଭୋଟ ଅଧିକାରକୁ ସୁନିଶ୍ଚିତ କରିବା ପାଇଁ କମିଶନ ଭୋଟର ତାଲିକା ସଂଶୋଧନ କରିଥାନ୍ତି । ଏଥିଲାଗି ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ନିର୍ବାଚନ କମିଶନ ଏବେ ଭୋଟର ତାଲିକା ସମୀକ୍ଷା ପାଇଁ ସ୍ପେଶାଲ ଇଟେଂନସିଭ ରିଭିଜନ (ଏସଆଇଆର) ଆରମ୍ଭ କରିଛନ୍ତି । ଯାହାକୁ ଦେଶର ବିରୋଧି ଦଳଗୁଡିକ ବିରୋଧ କରି ସୁପ୍ରିମକୋର୍ଟର ଦ୍ୱାରସ୍ତ ହୋଇଥିଲେ । କେବଳ ବିରୋଧି ଦଳ ନୁହଁନ୍ତି, ବହୁ ସଂଗଠନ ଏବଂ ବ୍ୟକ୍ତି ବିଶେଷ ମଧ ସୁପ୍ରିମକୋର୍ଟରେ ପିଟିସନ ଦାୟର କରିଥିଲେ । ପିଟିସନଗୁଡିକର ଶୁଣାଣୀ କରି ସୁପ୍ରିମକୋର୍ଟ ବିହାରରେ ଏସଆଇଆର ଜାରି ରଖିବାକୁ ନିର୍ବାଚନ କମିଶନଙ୍କୁ ଅନୁମତି ଦେଇଛନ୍ତି । ଏହା ସମ୍ଭବତଃ ଇସିଆଇଙ୍କ ପାଇଁ ଆଶ୍ୱସ୍ତି ଆଣିଦେଇଛି । କିନ୍ତୁ ସର୍ବୋଚ୍ଚ ନ୍ୟାୟାଳୟ ଦେଇଥିବା କେତେକ ମନ୍ତବ୍ୟ ନିର୍ବାଚନ କମିଶନଙ୍କ ମୁହଁରେ ଅଣ୍ଡାମାଡ ସଦୃଶ ହୋଇଥିବା ମନେହୁଏ । ଉଦାହରଣ ସ୍ୱରୁପ, ଭୋଟଦାତାଙ୍କ ପାଇଁ ସର୍ବଦା ଆଧାର, ଭୋଟର ପରିଚୟ ପତ୍ର ଓ ରାସନ କାର୍ଡ ସମେତ ୧୧ଟି ପ୍ରମାଣପତ୍ରକୁ କମିଶନ ଗ୍ରହଣ କରିଥିବାବେଳେ ଭୋଟର ତାଲିକାର ଏସଆଇଆର ପାଇଁ ଲୋକଙ୍କ ଆଧାର, ଭୋଟର ପରିଚୟପତ୍ର ଏବଂ ରାସନକାର୍ଡକୁ ବାଦ୍ ଦେବା ସମ୍ପର୍କରେ ଅଦାଲତ ପ୍ରଶ୍ନ କରିବା ସଙ୍ଗେ ସଙ୍ଗେ ସେଗୁଡିକୁ ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି । ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ନାଗରିକତ୍ୱ ନିଷ୍ପତି ପ୍ରସଙ୍ଗ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ, ନିର୍ବାଚନ କମିଶନରଙ୍କର ନୁହେଁ ବୋଲି ସର୍ବୋଚ୍ଚ ଅଦାଲତ ସ୍ମରଣ କରାଇଦେଇଛନ୍ତି । କିନ୍ତୁ ଏଥିରେ କମିଶନ କାହିଁ ମୁଣ୍ଡ ପୁରାଉଛନ୍ତି ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି । ଆହୁରି ମଧ ଏସଆଇର ସମୟକୁ ନେଇ ସର୍ବୋଚ୍ଚ ଅଦାଲତ ପ୍ରଶ୍ନ କରିଛନ୍ତି । ବିହାର ଏକ ବନ୍ୟା ପ୍ରବଣ ରାଜ୍ୟ ହୋଇଥିବାବେଳେ ବର୍ତମାନ ବର୍ଷା ଋତୁ ହୋଇଥିବାରୁ ମାତ୍ର ମାସକ ମଧରେ ଏସଆଇଆରର ଉଦ୍ଦେଶ୍ୟ କଣ ? ଉଲ୍ଲେଖଯୋଗ୍ୟ ଯେ, ବିଧାନସଭା ନିର୍ବାଚନ ଆହୁରି କିଛି ମାସ ବାକି ଥିବାବେଳେ ଏବେ ଭୋଟର ତାଲିକା ପ୍ରସ୍ତୁତି ପଇଁ ଏସଆଇଆର ଲୋକଙ୍କ ମନରେ କେବଳ ସନ୍ଦେହ ଓ ଆଶଙ୍କା ଉଦ୍ରେକ କରିବ । କାହିଁକି ବହୁ ପୂର୍ବରୁ ଏସଆଇଆର କାହିଁକି କରାଗଲା ନାହିଁ, ଯାହାକି ରାଜ୍ୟର ୭୦କୋଟି ୯୦ହଜାର ଭୋଟଦାତା ଯାଂଚ ଅଧିକ ସମୟ ପାଇପାରିଥାନ୍ତେ । ଏ ନେଇ କମିଶନଙ୍କୁ ସ୍ପଷ୍ଟୀକରଣ ଦେବାକୁ ହେବ । ଏହା ନିସନ୍ଦେହ ଯେ, ଭୋଟର ତାଲିକା ସଂଶୋଧନ ପାଇଁ ଏସଆଇଆର ଲାଗି ଆଧାର, ଭୋଟର ପରିଚୟ ପତ୍ର ଏବଂ ରାସନ କାର୍ଡ ଗ୍ରହଣ ଲାଗି କମିଶନଙ୍କୁ ସର୍ବୋଚ୍ଚ ଅଦାଲତଙ୍କ ପରାମର୍ଶ ନିଶ୍ଚିତ ଭାବେ ବିହାରର ଅଗଣିତ ଭୋଟର ସ୍ୱାଗତ କରିଥିବେ ନିଶ୍ଚିତ । କାରଣ ସେମାନେ ଏହାକୁ ସହଜରେ ପ୍ରଦର୍ଶିତ କରିପାରିବେ । ଆହୁରି ମଧ ଆମ ଦେଶରେ ଗ୍ରାମାଚଂଳ ଲୋକଙ୍କର ରେକର୍ଡ ସାଇତି ରଖିବା ଅଭ୍ୟାସ ଅତି ଦୁର୍ବଳ । ତେବେ ସବୁଠୁ ଆଶ୍ଚର୍ଯ୍ୟର କଥା ବିହାରର ପାଟନା ସହ କେତେକ ଅଂଚଳରେ 'ଆଧାର' ଗ୍ରହଣଯୋଗ୍ୟ ହୋଇଥିବାବେଳେ ସୀମାଚଂଳ ସମେତ ବହୁ ଅଂଚଳରେ ଗ୍ରହଣଯୋଗ୍ୟ ନୁହେଁ । ଆଧାର ନେଇ ନିର୍ବାଚନ କମିଶନଙ୍କ ଦୋମୁହାଁ ନୀତିର ଅର୍ଥ କଣ କିଛି ବୁଝାପଡୁନାହିଁ । ଉଲ୍ଲେଖଯୋଗ୍ୟ ଯେ, ବିହାରରେ ୨୦୦୭ରେ ଜନ୍ମ ନେଇଥିବା ଯୁବକଯୁବତୀ ହିଁ ପ୍ରଥମ ଥର ପାଇଁ ଭୋଟର ତାଲିକାଭୁକ୍ତ ହୋଇପାରିବେ । କିନ୍ତୁ ୨୦୦୭ରେ ଜନ୍ମ ଗ୍ରହଣ କରିଥିବା ମୋଟ ଶିଶୁଙ୍କ ମଧରୁ ମାତ୍ର ୨୬.୨ ପ୍ରତିଶତଙ୍କ ଜନ୍ମ ପ୍ରମାଣପତ୍ର ରହିଛି । ସେହିପରି ୨୦୧୧ ଜନଗଣନା ଅନୁଯାୟୀ ମାତ୍ର ୨୩ପ୍ରତିଶତ ସ୍କୁଲ ପ୍ରମାଣପତ୍ର ଥିବାବେଳେ ମାତ୍ର ୪.୫ ପ୍ରତିଶତ ନିକଟରେ ନିଯୁକ୍ତି ପ୍ରମାଣ ପତ୍ର ଓ ପେନସନ ପ୍ରମାଣପତ୍ର ରହିଛି । ସେହିପରି ୧୧୪ ମିଲିଅନଙ୍କ ଆଧାର ଥିବାବେଳେ ୮୩ ମିଲିଅନଙ୍କ ନିକଟରେ ରାଶନ କାର୍ଡ ରହିଛି । ଏଥିରେ ଦ୍ୱିରୁକ୍ତି ନାହିଁ ଯେ, ଏସଆଇଆର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ । ଯାହାକି ଏକ ସାମ୍ବିଧାନିକ କର୍ତବ୍ୟ । ନିର୍ବାଚନ କମିଶନ ସର୍ବୋଚ୍ଚ ଅଦାଲତଙ୍କ ପରାମର୍ଶକୁ ସମ୍ମାନ ଦେଇ ଭୋଟର ତାଲିକା ପ୍ରସ୍ତୁତ କରିବା ଆବଶ୍ୟକ ।

*ସମ୍ମାନ ଭବନ,*
*ପ୍ଲଟ ନଂ-୫୮/୩୫୮୧,*
*ଗାଙ୍ଗୋତ୍ରୀ ନଗର, ଶିଶୁପାଳଗଡ*

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ
ଖେଳ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
Bhubaneswar Tuesday July 15 | ଭୁବନେଶ୍ୱର ମଙ୍ଗଳବାର, ୧୫, ୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com


# ଏଲଜି ଇଲେକଟ୍ରୋନିକ୍ସ ଇଣ୍ଡିଆ ପକ୍ଷରୁ ଓଏଲଇଡିଇଭୋ ଓ କ୍ୟୁଏନଇଡିଇଭୋ ଟିଭି ଶୃଙ୍ଖଳା ଉନ୍ମୋଚିତ




ଭୁବନେଶ୍ୱର: ଏଲଜି ଇଲେକ୍‌ଟ୍ରୋନିକ୍ସ ଇଣ୍ଡିଆ ଲିମିଟେଡ ପକ୍ଷରୁ ଆଜି ଭାରତରେ ଏହାର ୨୦୨୫ ଓଏଲଇଡିଇଭୋ ଓ କ୍ୟୁଏନଇଡିଇଭୋ ଟିଭି ଶୃଙ୍ଖଳାର ଲଂଚ ଘୋଷଣା କରାଯାଇଛି। ଏହି ନୂତନ ଟେଲିଭିଜନଗୁଡିକ ଏଲଜିର ନୂଆ ଆଲ୍‌ଫା ଏଆଇ ପ୍ରୋସେସର ଜେନ୨ ଦ୍ୱାରା ପରିଚାଳିତ ଅଟେ ଯାହା ବ୍ୟକ୍ତିଗତ ଅନୁଭୂତି, ଉନ୍ନତ ପିକ୍‌ଚର, ସାଉଣ୍ଡ ଓ ସଂଯୋଗ ପ୍ରଦାନ କରୁଛି। ପରବର୍ତୀ ସ୍ତରର ଏଆଇ କ୍ଷମତା ଓ ପୁରସ୍କାରପ୍ରାପ୍ତ ପିକ୍‌ଚର ଟେକ୍ନୋଲୋଜିର ଶୁଭାରମ୍ଭ ସହିତ ୨୦୨୫ ରେ ଏଲଜିର ଉଦ୍ଭାବନ ବିରାସତ ଉପରେ ନିର୍ମାଣ ହୋଇଛି।୨୦୨୫ ଏଲଜି ଟିଭି ଶୃଙ୍ଖଳା ଏକ ବିସ୍ତୃତ ରେଞ୍ଜ ସ୍କ୍ରିନ ସାଇଜ ସମେତ ଅଲ୍‌ଟ୍ରା-ଲାର୍ଜ ମଡେଲରେ ଉପଲବ୍ଧ ହେବା ସହିତ ଏହି ଶୃଙ୍ଖଳାର ପ୍ରାରମ୍ଭିକ ମୂଲ୍ୟ ୭୪,୯୯୦ ଟଙ୍କା ଓ ସର୍ବାଧିକ ମୂଲ୍ୟ ୨୪,୯୯,୯୯୦ ଟଙ୍କା ରହିଛି। ଏହି ଶୁଭାରମ୍ଭ ସମ୍ପର୍କରେ ଏଲ୍‌ଜି ଇଲେକ୍‌ଟ୍ରୋନିକ୍ସ ଇଣ୍ଡିଆର ମିଡିଆ ଏଂଟରଟେନମେଂଟ ସଲ୍ୟୁଶନ (ଏମଏସ)ର ନିର୍ଦ୍ଦେଶକ ବ୍ରିଆନ ଜୁଙ୍ଗ କହିଛନ୍ତି, ‘ଏଲ୍‌ଜିରେ ଆମେ ଟେଲିଭିଜନର ଭବିଷ୍ୟତ ବୁଦ୍ଧିମତା ଦ୍ୱାରା ପରିଚାଳିତ ବ୍ୟକ୍ତିଗତକରଣରେ ଅର୍ନ୍ତନିହିତ ରହିଛି ବୋଲି ବିଶ୍ୱାସ କରିଥାଉ। ଆମର ୨୦୨୫ ଓଏଲଇଡିଇଭୋ ଓ କ୍ୟୁଏନଇଡିଇଭୋ ଶୃଙ୍ଖଳା ସହିତ ଆମେ କେବଳ ନୂଆ ଟିଭିଗୁଡିକର ଶୁଭାରମ୍ଭ କରିନାହୁଁ ବରଂ ଆମ ଉପଭୋକ୍ତାଙ୍କୁ ବୁଝିପାରୁଥିବା, ସେମାନଙ୍କର ପସନ୍ଦ ସହ ଖାପ ଖୁଆଉଥିବା ଓ ସେମାନଙ୍କର ପ୍ରତିଦିନର ଅନୁଭୂତିକୁ ଉନ୍ନତ କରୁଥିବା ସ୍ମାର୍ଟ ସାଥୀର ଆରମ୍ଭ କରିଛୁ। ଆମର ଅପ୍‌ଗ୍ରେଡେଡ ଆଲ୍‌ଫା ଏଆଇ ପ୍ରୋସେସର ଦ୍ୱାରା ସମର୍ଥିତ ଏହି ନୂଆ ରେ ଉଦ୍ଭାବନ ଓ ଗ୍ରାହକ-କୈନ୍ଦ୍ରିକ ଡିଜାଇନ ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳନ କରୁଛି।‘

୨୦୨୫ ଓଏଲଇଡିଇଭୋ ଟିଭିର କେନ୍ଦ୍ରରେ ଏଲଜିର ନୂଆ ଓ ଉନ୍ନତ ଆଲ୍‌ଫା ଏଆଇ ପ୍ରୋସେସର ଜେନ୨ ରହିଛି ଯାହା ସ୍ୱଷ୍ଟ ଓ ଅଧିକ ପ୍ରାକୃତିକ ଭିଜୁଆଲ ଦେଇଥାଏ। ଏହି ଟିଭି ନୂଆ ଏଆଇ ମ୍ୟାଜିକ ରିମୋଟ ଦ୍ୱାରା ଆରମ୍ଭ ହୋଇଥାଏ ଯେଉଁଥିରେ ଭଏସ ଚିହ୍ନଟ ଓ ସହଜ ପରିଚାଳନା ପାଇଁ ଏକ ଡେଡିକେଟେଡ ଏଆଇ ବଟନ ରହିଛି। ପାୱାର ଅନ ହେବା ପରେ ଏହି ଟିଭି ଉପଭୋକ୍ତାଙ୍କୁ ‘ଏଆଇ ୱେଲକମ’ ମାଧ୍ୟମରେ ସ୍ୱାଗତ କରିଥାଏ ଓ ବ୍ୟକ୍ତିଗତ ସ୍ୱରଗୁଡିକୁ ‘ଏଆଇ ଭଏସ ଆଇଡି’ର ବ୍ୟବହାର କରି ଚିହ୍ନଟ କରିଥାଏ। ଏଥିରେ ଏଆଇ କନ୍‌ସିଅର୍ଜ, ଏଆଇ ସର୍ଚ୍ଚ, ଏଆଇ ଚାଟବଟ, ଏଆଇ ପିକ୍‌ଚର ୱିଜାର୍ଡ, ଏଆଇ ସାଉଣ୍ଡ ୱିଜାର୍ଡ ଭଳି ଫିଚର ରହିଛି। ଓଏଲଇଡିଇଭୋ ରେ ଅପ୍‌ଗ୍ରେଡେଡ ବ୍ରାଇଟନେସ୍ ବୁଷ୍ଟର ଅଲ୍‌ଟିମେଟ ଦ୍ୱାରା, ଆମ୍ବିଏଂଟ ଲାଇଟ କମ୍ପେନସେଶନ ସହ ଫିଲ୍ମମେକର ମୋଡ, ଡଲବି ଭିଜନ ଓ ଡଲ୍‌ବି ଅଟମୋସ ଆଦି ରହିଛି। ଏଲଜିର କ୍ୟୁଏନଇଡି ଇଭୋ ମଡେଲ ମିନି ଏଲ୍‌ଇଡି ଟେକ୍ନୋଲୋଜି ସହ ଏଆଇ-ଏନହାନ୍ସଡ ପ୍ରୋସେସିଂ ଓ ଏଲ୍‌ଜିର ନିଜସ୍ୱ ଡାଇନାମିକ କ୍ୟୁଏନଇଡି କଲର ସଲ୍ୟୁଶନକୁ ଏକତ୍ରିତ କରିଛି। ଏହି ରେଞ୍ଜରେ ମିନି ଏଲ୍‌ଇଡି ବ୍ୟାକଲାଇଟ ସିଷ୍ଟମ, ଆଲ୍‌ଫା ଏଆଇ ପ୍ରୋସେସର, ଏଆଇ ପିକ୍‌ଚର ପ୍ରୋ ଓ ଏଆଇ ସାଉଣ୍ଡ ପ୍ରୋ ଫିଚର ରହିଛି। ଆପଲ ଏୟାରପ୍ଲେ ଓ ଗୁଗଲ କାଷ୍ଟ ପାଇଁ ବିଲ୍ଟଇନ ସପୋର୍ଟ ମାଧ୍ୟମରେ ସହଜ ମୋବାଇଲ କାଷ୍ଟିଂକୁ ସକ୍ଷମ କରାଯାଇଛି। ଓଏଲଇଡି ଇଭୋ ଟିଭିଗୁଡିକ ୪କେ ୧୬୫ଏଚଜେଡ ରିଫ୍ରେଶ ରେଟକୁ ସପୋର୍ଟ କରୁଛି। ଏହି ଟିଭି ଶୃଙ୍ଖଳା ଏନଭିଆଇଡିଆଇଏ ଜି ସିଙ୍କ ଓ ଏଏମଡି ଫ୍ରିସିଙ୍କ ପ୍ରିମିୟମ ସହ କମ୍ପାଟିବୁଲ ରହିଛି।

# ପାରାଦୀପ ଟର୍ମିନାଲରେ ସମସ୍ତ ଟ୍ୟାଙ୍କର ମାଲିକ ମାନଙ୍କୁ ଏକତାର ଆହ୍ୱାନ ଦେଲେ ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ



ପାରାଦୀପ,(ପି.ଏନ): ପାରାଦୀପ ସ୍ଥିତ ଏଚ୍‌ପିସିଏଲ, ଆଇଓସିଏଲ, ବିପିସିଏଲ ଟର୍ମିନାଲ ର ସମସ୍ତ ଟ୍ୟାଙ୍କର ମାଲିକ ମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସ୍ଥାନୀୟ ହୋଟେଲ ଗୋଲଡେନ ଆଙ୍କର ସମ୍ମିଳନୀ କକ୍ଷ ରେ ଜୁଲାଇ ୧୧ ତାରିଖ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକ ରେ ଅଲ ଓଡିଶା ଟ୍ୟାଙ୍କର ଆସୋସିଏସନ ର ବରିଷ୍ଠ ସଭ୍ୟ ରଞ୍ଜନ ଧଳ ସଭାପତିତ୍ୱ କରିଥିଲେ । ୫କୁ ରୁ ଉର୍ଦ୍ଧ ଟ୍ୟାଙ୍କର ମାଲିକ ଯୋଗ ଦେଇଥିଲାବେଳେ ଆସୋସିଏସନ ର ସଭାପତି କୃଷ୍ଣ ଚ଼ନ୍ଦ୍ର ଦାସ ଓ ପୂର୍ବ ଉପକୂଳ ଶ୍ରମିକ ସଂଘର ସଭାପତି ତଥା ଟର୍ମିନାଲ ରେ କାର୍ଯ୍ୟରତ ସମସ୍ତ ଟ୍ୟାଙ୍କର ଚ଼ାଳକ ସଙ୍ଘ ର ସଭାପତି ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ ଉପସ୍ଥିତ ଥିଲେ । ଏଚ୍‌ପିସିଏଲ ରେ ଗତ କିଛିଦିନ ତଳେ ଟ୍ୟାଙ୍କର ର ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଯାଇଛି । ଏଥିରେ ରାଜ୍ୟ ବାହାରର ବହୁ ପରିବହନ ସଂସ୍ଥା ମାନେ ଟେଣ୍ଡର ପକାଇଛନ୍ତି କ୍ଷ ଯଦି ତାଙ୍କର ଟେଣ୍ଡର ଗୃହୀତ ହୁଏ, ତାହେଲେ ଆମ ରାଜ୍ୟର ଟ୍ୟାଙ୍କର ମାଲିକ ମାନେ ଜୀବିକା ହରାଇବେ । ଏହିପରି ଆଉ କିଛି ମାସ ପରେ ଆଇଓସିଏଲ ଓ ବିପିସିଏଲ ରେ ମଧ୍ୟ ଟେଣ୍ଡର ହେବାକୁ ଯାଉଛି । ଏହିପରି ଭାବେ ଯଦି ବାହାର ରାଜ୍ୟର ପରିବହନ ସଂସ୍ଥା ମାନେ ଟେଣ୍ଡର ରେ ଅଂଶଗ୍ରହଣ କରନ୍ତି ଏବଂ କାର୍ଯ୍ୟାଦେଶ ପାଆନ୍ତି ତେବେ ସ୍ଥାନୀୟ ଓ ରାଜ୍ୟ ର ଟ୍ୟାଙ୍କର ମାଲିକ ମାନେ ହତାଶ ହେବେ । ତେଣୁ ଏହି ବୈଠକରେ ଟ୍ୟାଙ୍କର ଚ଼ାଳକ ସଙ୍ଘ ଓ ଟ୍ୟାଙ୍କର ମାଲିକ ସଙ୍ଘ ଏକାଠି ହୋଇ ବାହାର ରାଜ୍ୟର ଟ୍ୟାଙ୍କରକୁ ପୁରାଇ ନଦେବାକୁ ସର୍ବସମ୍ମତି କ୍ରମେ ନିଷ୍ପତି ଗ୍ରହଣ କରିଥିଲେ କ୍ଷ ଏତଦବ୍ୟତୀତ ଆସନ୍ତା ଜୁଲାଇ ୧୬ ତାରିଖ ଦିନ ସମସ୍ତ ଟ୍ୟାଙ୍କର ମାଲିକ ମାନଙ୍କୁ ନେଇ ଏକ ପ୍ରତିବାଦ ସଭା କରାଯିବା ପାଇଁ ନିଷ୍ପତି ନିଆଯାଇଥିଲା। ଏହି ବୈଠକରେ ଅଲ ଓଡିଶା ଟ୍ୟାଙ୍କର ମାଲିକ ସଙ୍ଘର ଉପଦେଷ୍ଟା ଲକ୍ଷ୍ମୀଧର ମହାନ୍ତି, ସମ୍ପାଦକ ଶ୍ରୀବଲ୍ଲଭ କର, ବିନୟ ରାଉଳ, ଫିରୋଜ ଖାନ, ରଞ୍ଜନ ବର୍ଦ୍ଧନ, ପ୍ରଭାକର ମିଶ୍ର, ପ୍ରଦୀପ ସାହୁ ପ୍ରମୁଖ ଉପସ୍ଥିତ ଥିଲାବେଳେ ଟ୍ୟାଙ୍କର ଚ଼ାଳକ ସଙ୍ଘ ର ସାଧାରଣ ସମ୍ପାଦକ ଅଭିମନ୍ୟୁ ବେହେରା, ଉପଦେଷ୍ଟା ସର୍ବେଶ୍ୱର ବଳିୟାରସିଂହ, ଉପସଭାପତି ସୁବ୍ରତ କୁମାର ପ୍ରଧାନ ଓ ରତ୍ନାକର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ଶତାୟୁ ସମାଜସେବୀଙ୍କ ବିୟୋଗରେ ସଂକୀର୍ତ୍ତନ ଓ ଭଜନ ସମାରୋହ

ଭୁବନେଶ୍ୱର,(ପି.ଏନ): ଶତାୟୁ ସମାଜସେବୀ ଦୁଃଶାସନ ରାଉତଙ୍କ ତିରୋଧାନର ଦ୍ୱାଦଶ ଓ ଚ଼ତୁର୍ଦ୍ଦଶ ଦିବସରେ ଯଥାକ୍ରମେ ଭଜନ ସମାରୋହ ଓ ସଂକୀର୍ତ୍ତନ ସମାରୋହ ଅନୁଷ୍ଠିତ ହୋଇଥିଲା । ଭଜନସନ୍ଧ୍ୟା ରେ ସ୍ୱନାମଧନ୍ୟ କଣ୍ଠ ଶିଳ୍ପୀ ମାନେ ଭକ୍ତିରସାପ୍ଲୁତ ସଙ୍ଗୀତମାନ ପରିବେଷଣ କରି ଶ୍ରୋତା ମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇ ଥିଲେ । କାର୍ଯ୍ୟକ୍ରମକୁ ପ୍ରତାପ ନଗରୀ ରାମଲୀଳା ପ୍ରଚ଼ାର ସମିତିର ସଭ୍ୟମାନେ ପରିଚ଼ାଳନା କରିବା ସଙ୍ଗେ ସଙ୍ଗେ ? ଦୁଃଶାସନ ରାଉତଙ୍କୁ ମରଣୋତ୍ତର ସଙ୍ଗୀତ ସାଗର ଉପାଧିରେ ଭୂଷିତ କରାଯାଇ ଥିଲା । ସଂକୀର୍ତ୍ତନ ସମାରୋହରେ ପ୍ରତାପ ନଗରୀ, ଭାଣପୁର, ନୂଆଗଡ ସୁଭଦ୍ରାପୁର ଗ୍ରାମ ର ବିଭିନ୍ନ ଦଳ ଅଂଶ ଗ୍ରହଣ କରି



ମନମୁଗ୍ଧକର ଓଡ଼ିଶୀ ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ମଧ୍ୟରେ ବିଭିନ୍ନ ବକ୍ତା ଶତାୟୁଙ୍କ ଦୀର୍ଘ ଜୀବନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିବା ସହ ଦିବଙ୍ଗତ ଆତ୍ମାର ସଦଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ପରିଶେଷରେ ସମସ୍ତ କାର୍ଯ୍ୟକ୍ରମକୁ ସୁଚ଼ାରୁରୂପେ ତରଫରୁ ସମ୍ପନ୍ନ କରିଥିବାରୁ ପରିବାର ତରଫରୁ ତାଙ୍କ ସୁପୁତ୍ର ଶ୍ରୀ ସୁଧାକର ରାଉତ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପାରାଦ୍ୱୀପ ନିର୍ବାଚ଼ନ ମଣ୍ଡଳୀରେ ବିଜପିର ମହା ମିଶ୍ରଣ ପର୍ବ



ପାରାଦ୍ୱୀପ ,(ପି.ଏନ): ପାରାଦ୍ୱୀପ ନିର୍ବାଚ଼ନ ମଣ୍ଡଳୀ ର ପାରାଦ୍ୱୀପ ପୌରପରିଷଦ ଅନ୍ତର୍ଗତ ପାଞ୍ଚ ନମ୍ବର ୱାର୍ଡ ସ୍ଥିତ ରାଇସମିଲ ଠାରେ ବିଜେପି ଦଳର ଏକ ମହା ମିଶ୍ରଣ ପର୍ବ ଓ କର୍ମୀ ସମ୍ମିଳନୀ ଶନିବାର ଦିନ ଆୟୋଜିତ ହୋଇଯାଇଛି। ଏହି ମିଶ୍ରଣ ପର୍ବରେ ପାରାଦ୍ୱୀପ ର ଲୋକପ୍ରିୟ ବିଧାୟକ ତଥା ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ମନ୍ତ୍ରୀ ସମ୍ପଦ ଚ଼ନ୍ଦ୍ର ସ୍ୱାଇଁ ଯୋଗ ଦେଇଥିଲେ। ଭାରତୀୟ ଜନତା ପାର୍ଟିର ନୀତି ଆଦର୍ଶ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଙ୍କ ବଳିଷ୍ଠ ନେତୃତ୍ୱ ଓ ଦକ୍ଷ କାର୍ଯ୍ୟଶୈଳୀ, ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀ ଙ୍କ କାର୍ଯ୍ୟଦକ୍ଷତା, ବିଧାୟକ ଙ୍କ ବିକାଶମୂଳକ କାମ ରେ ଅନୁପ୍ରାଣିତ ହୋଇ ପାରାଦ୍ୱୀପ ପୌରପରିଷଦ ଅନ୍ତର୍ଗତ ପାଞ୍ଚ ନମ୍ବର ୱାର୍ଡ ସ୍ଥିତ ରାଇସମିଲ ଠାରେ ବିଜେଡି ଓ କଂଗ୍ରେସ ଦଳର ଶତାଧିକ କାର୍ଯ୍ୟକର୍ତ୍ତା ଭାରତୀୟ ଜନତା ପାର୍ଟି ରେ ଯୋଗଦେଇଛନ୍ତି କ୍ଷ ତେବେ ଏହି ମିଶ୍ରଣ ପର୍ବ ସୂଚ଼ାଉଛି ଯେ, ରାଜ୍ୟରେ ବିଜେପି ପ୍ରତି ଜନସାଧାରଣଙ୍କ ଆସ୍ଥା, ବିଶ୍ୱାସ ଓ ଭରସା ବୃଦ୍ଧି ପାଇବାରେ ଲାଗିଛି। ମନ୍ତ୍ରୀ ଶ୍ରୀ ସ୍ୱାଇଁ ସମସ୍ତଙ୍କୁ ଦଳୀୟ ଉତ୍ତରୀୟ, ଟୋପି ପିନ୍ଧାଇ ଦଳ କୁ ସ୍ୱାଗତ କରିବା ସହ ସେମାନଙ୍କ ଯୋଗଦାନ ତୃଣମୂଳସ୍ତରରେ ଦଳର ସଂଗଠନକୁ ଆହୁରି ମଜବୁତ କରିବ ବୋଲି କହିଥିଲେ। ଶେଷରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ମିଶ୍ରଣ ପର୍ବ ଦ୍ୱାରା ନିଶ୍ଚିତ ଭାବେ ଆମ ଦଳ ତୃଣମୂଳ ସ୍ତରରେ ଶକ୍ତିଶାଳୀ ହେବା ସହିତ ପାରାଦ୍ୱୀପ ନିର୍ବାଚ଼ନ ମଣ୍ଡଳୀର ସର୍ବାଙ୍ଗୀନ ବିକାଶ ହୋଇପାରିବ, ସରକାରଙ୍କ ର ଏକ ବର୍ଷ ର ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ଏବଂ ସମାଜ ର ଶେଷ ଭାଗ ରେ ବାସ କରୁଥିବା ଲୋକଟିର ବିକାଶ ନିମନ୍ତେ ସରକାର ସବୁବେଳେ ପ୍ରଚେଷ୍ଟା ଜାରି ରଖିବା, ପାରାଦ୍ୱୀପ ନିର୍ବାଚ଼ନ ମଣ୍ଡଳୀ ରେ ଚ଼ାଲୁ ରହିଥିବା ବିଭିନ୍ନ ବିକାଶମୂଳକ କାମ ସମ୍ପର୍କରେ ସୂଚ଼ନା ଦେଇଥିଲେ। ସେବା, ସୁଶାସନ ଓ ଗରିବ କଲ୍ୟାଣ ନିମନ୍ତେ ଡବଲ ଇଞ୍ଜିନ ଲୋକଙ୍କ ସରକାର “ସବକା ସାଥ, ସବକା ବିକାଶ” ମନ୍ତ୍ରକୁ ପାଥେୟ କରି ଗତ ଏକ ବର୍ଷ ମଧ୍ୟରେ କୃଷକ, ମହିଳା, ଜନଜାତି, ଯୁବଶକ୍ତି, ଭିନ୍ନକ୍ଷମ, ଗରିବ, ପଛୁଆବର୍ଗ, ଦଳିତ ଆଦି ସମସ୍ତ ବର୍ଗର ଜନସାଧାରଣଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ କାର୍ଯ୍ୟ କରିବା ସହ ଓଡ଼ିଆ ଅସ୍ମିତାର ସୁରକ୍ଷା କରିପାରିଛନ୍ତି କ୍ଷ ଗତ ଏକ ବର୍ଷ ମଧ୍ୟରେ ଓଡ଼ିଶା ସେବା, ସୁଶାସନ ଓ ବିକାଶ କ୍ଷେତ୍ରରେ ଏକ ନୂଆ ମାନଦଣ୍ଡ ସ୍ଥାପନ କରିଛି କ୍ଷ ରାଜ୍ୟବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି ଗୁଡ଼ିକୁ ବାସ୍ତବତାରେ ପରିଣତ କରିପାରିଛୁ କ୍ଷ ୨୦୩୬ ମସିହା ସୁଦ୍ଧା ଓଡିଶାକୁ ଏକ ସମୃଦ୍ଧ ରାଜ୍ୟରେ ପରିଣତ କରିବା ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ କରିବା ପାଇଁ ଲୋକ ଙ୍କ ସରକାର ଦୃଢ ସଂକଳ୍ପ ନେଇଛନ୍ତି କ୍ଷ ରାଜ୍ୟକୁ ସମୃଦ୍ଧ ତଥା ବିକଶିତ ଭାବେ ଗଢି ତୋଳିବାକୁ ହେଲେ ଜିଲ୍ଲା ଗୁଡିକୁ ମଧ୍ୟ ସମୃଦ୍ଧ ତଥା ବିକଶିତ କରିବାକୁ ହେବ କ୍ଷ ଏହାସହ ରାଜ୍ୟର ଅର୍ଥନୀତିକୁ ୨୦୩୬ ସୁଦ୍ଧା ୫୦୦ ବିଲିଅନ୍ ଡଲାର ଏବଂ ୨୦୪୭ ସୁଦ୍ଧା ୧.୫ ଟ୍ରିଲିଅନ୍ ଡଲାରରେ ପହଞ୍ଚାଇବା ଲକ୍ଷ୍ୟ ନେଇ ସରକାର କାର୍ଯ୍ୟ କରୁଛନ୍ତି କ୍ଷ ଆଜି ଲୋକମାନେ ସରକାର ର ଖୁବ ନିକଟତର ହୋଇପାରିଛନ୍ତି। ନିଜର ସୁବିଧା, ଅସୁବିଧା ସରକାର ଙ୍କ ନିକଟରେ ଜଣାଇପାରୁଛନ୍ତି, ସେଗୁଡିକର ସ୍ଥାୟୀ ସମାଧାନ ନିମନ୍ତେ ସରକାର ସବୁବେଳେ ଗୁରୁତ୍ୱ ଦେଉଛନ୍ତି। ଲୋକ ଙ୍କ ସରକାର ରେ ଲୋକମାନେ ହିଁ ସର୍ବ ?ସର୍ବା ବୋଲି ମନ୍ତ୍ରୀ ସମ୍ପଦ ସ୍ୱାଇଁ କହିଥିଲେ। ଏହି ମିଶ୍ରଣ ପର୍ବ ରେ ପାରାଦ୍ୱୀପ ନଗର ମଣ୍ଡଳ ସଭାପତି ସୁବ୍ରତ ପ୍ରଧାନ, ସାଧାରଣ ସମ୍ପାଦକ ବଜରଙ୍ଗ ପ୍ରସାଦ ସ୍ୱାଇଁ, ସୋଲେମନ ରାଜୁ, ଯୁବମୋର୍ଚ୍ଚା ସଭାପତି ଦିଲ୍ଲୀପ ବଳିୟାରସିଂହ, ସମ୍ପାଦକ ଜିତେନ୍ଦ୍ର ସାହୁ, ମନ୍ତ୍ରୀ ଙ୍କ ପାରାଦ୍ୱୀପ ନଗର ପ୍ରତିନିଧି ସର୍ବ ?ଶ୍ୱର ବଳିୟାରସିଂହ, କାର୍ଯ୍ୟକର୍ତା ଉଗ୍ରେସନ ବେହେରା, ଶରତ ଚ଼ନ୍ଦ୍ର ନାୟକ, ଭକ୍ତବନ୍ଧୁ ପରିଡା, ବସନ୍ତ ବେହେରା, ପବିତ୍ର ବେହେରା,ବିରଞ୍ଚି ନାରାୟଣ ସୁନ୍ଦରାୟ, ନନ୍ଦିନୀ ପରିଡା, ଅଧିକାରୀ ବେହେରା, ବଟକୃଷ୍ଣ ପ୍ରଧାନ, ଅମୀୟ ଦାସ, ଗୌତମ ଜେନା, ଦୁର୍ଯ୍ୟୋଧନ ରାଉତ, ପ୍ରତାପ ଚ଼ନ୍ଦ୍ର ନାୟକ, ଗୌତମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।ସର୍ବାଙ୍ଗୀନ, ସର୍ବସ୍ପର୍ଶୀ ଓ ସର୍ବସମାବେଶୀ ସରକାରର କାର୍ଯ୍ୟରେ ପ୍ରଭାବିତ ହୋଇ ଦଳରେ ମିଶିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ।

# ବନ୍ଧନ ଏଏମସି ର ୨୫ ବର୍ଷ ପୂର୍ତ୍ତି ପାଳନ

ଭୁବନେଶ୍ୱର,(ପି.ଏନ): ଦେଶର ଅନ୍ୟତମ ପ୍ରମୁଖ ଆସେଟ ମ୍ୟାନେଜମେଂଟ କମ୍ପାନୀ ବନ୍ଧନ ଏଏମସି ଲିମିଟେଡ ଭାରତୀୟ ମ୍ୟୁଚୁଆଲ ଫଣ୍ଡ ଶିଳ୍ପରେ ୨୫ ବର୍ଷ ପୂର୍ତ୍ତି ପାଳନ କରିଛି । ଯାହାକି ବିଶ୍ୱାସ, ଉଦ୍ଭାବନ ଓ ସଂଚୟକାରୀଙ୍କୁ ନିବେଶକରେ ପରିଣତ ହେବାରେ ସାହାଯ୍ୟ କରିବା ପାଇଁ ଦୃଢ ପ୍ରତିବଦ୍ଧତା ଉପରେ ନିର୍ମିତ । ନିବେଶକ ଓ ପାର୍ଟନରଙ୍କ ସହ ଏହି ସଫଳତାକୁ ପାଳନ କରିବା ପାଇଁ ବନ୍ଧନ ଏଏମସି ପକ୍ଷରୁ ସଙ୍ଗୀତ-ଭିତିକ କାହାଣୀ ‘ରାଜୁ ଭୈୟା କୀ କାହାନି’ ଉପସ୍ଥାପନ କରାଯାଇଛି ଯାହା ସଂଚୟଠାରୁ ଆରମ୍ଭ କରି ଆତ୍ମବିଶ୍ୱାସର ସହ ନିବେଶ କରିବା ପର୍ଯ୍ୟନ୍ତ ଅନେକ ନିବେଶକଙ୍କ ପରିଚିତ ଯାତ୍ରା ସହ ପ୍ରତିଫଳିତ ହେଉଛି। ଏକ ହୃଦୟସ୍ପର୍ଶୀ ଜିଙ୍ଗଲ ଓ ଆକର୍ଷଣୀୟ ଆନିମେଶନ ମାଧ୍ୟମରେ ବ୍ୟାଖ୍ୟା କରାଯାଇଥିବା ଏହି ଫିଲ୍ମ ବିଗତ ବର୍ଷଗୁଡିକରେ ସାଧାରଣ ନିବେଶକଙ୍କ ପ୍ରଗତିକୁ ସେଲିବ୍ରେଟ କରିଛି। ଏହି ଫିଲ୍ମକୁ ଦେଖିବା ପାଇଁ ଫଟୋରେ ଥିବା କ୍ୟୁଆର କୋଡ୍‌କୁ ସ୍କାନ କରନ୍ତୁ : https://www.youtube.com/watch?v=jkqFs70j0u4 । ଏହି ଅବସରରେ ବନ୍ଧନ ଏଏମସିର ସିଇଓ ବିଶାଲ କପୁର କହିଛନ୍ତି, ‘ ଆମ ଯାତ୍ରାର ୨୫ ବର୍ଷ ପାଳନ କରୁଥିବାରୁ ଆମେ ଲକ୍ଷ ଲକ୍ଷ ସଂଚୟକାରୀଙ୍କୁ ନିବେଶକରେ ପରିଣତ କରିବାରେ ସାହାଯ୍ୟ କରିବା କ୍ଷେତ୍ରରେ ଗ୍ରହଣ କରିଥିବା ଆମର ଭୂମିକାକୁ ନେଇ ଗର୍ବିତ। ଏଏନଜେଡ ଗ୍ରିଣ୍ଡଲେଜ ମ୍ୟୁଚୁଆଲ ଫଣ୍ଡ ଭାବେ ଆମର ଉତ୍ପତିରୁ ଆରମ୍ଭ କରି ଷ୍ଟାଣ୍ଡାର୍ଡ ଚାର୍ଟାର୍ଡ ମ୍ୟୁଚୁଆଲ ଫଣ୍ଡ, ଆଇଡିଏଫସି ଏଏମସି ଏବଂ ବର୍ତମାନ ବନ୍ଧନ ଏଏମସିରେ ପରିଣତ ହେବା ପର୍ଯ୍ୟନ୍ତ ପ୍ରତ୍ୟେକ ସଫଳତା ଆର୍ଥିକ ଅର୍ନ୍ତଭୁକ୍ତୀକରଣ, ଉଦ୍ଭାବନ ଓ ନିବେଶକ-କୈନ୍ଦ୍ରିକତା ପ୍ରତି ଆମର ପ୍ରତିବଦ୍ଧତାର ଏକ ପ୍ରମାଣ ରହିଆସିଛି। ଏହି ବିରାସତକୁ ପାଳନ କରିବା ସହିତ ଆମେ ଭବିଷ୍ୟତର ମାର୍ଗ ଉପରେ ଗୁରୁତ୍ୱ ଦେଉଛୁ। ଆମେ ଆମର ନିବେଶକ, ସହଯୋଗୀ, କର୍ମଚାରୀ ଓ ସମସ୍ତ ହିତାଧିକାରୀଙ୍କ ପ୍ରତି ସେମାନଙ୍କର ଦୃଢ ବିଶ୍ୱାସ ଓ ସହଯୋଗ ପାଇଁ ଗଭୀର ଭାବେ କୃତଜ୍ଞ ଅଟୁ।‘ ବିଗତ ୨୫ ବର୍ଷରେ ଏହି ସଂସ୍ଥା ଉଦ୍ଭାବନ କ୍ଷେତ୍ରରେ ଅଗ୍ରଣୀ ରହିଆସିଛି ଯାହା ପ୍ରଥମ ସଂସ୍ଥା ଭାବେ ସର୍ଟ-ଟର୍ମ ଫଣ୍ଡ, ଗଭର୍ଣ୍ଣମେଂଟ ସିକ୍ୟୁରିଟିଜ ଫଣ୍ଡ, ଡାଇନାମିକ ବଣ୍ଡ ଫଣ୍ଡ, ମିଡିଅନ ଟର୍ମ ଫଣ୍ଡ ଓ ଋଣ ସ୍କିମରେ ରୋଲ-ଡାଉନ ଷ୍ଟ୍ରକ୍‌ଚର ଭଳି ଉତ୍ପାଦଗୁଡିକର ଶୁଭାରମ୍ଭ କରିଛି। ୨୦୨୫ରେ ବନ୍ଧନ ଏଏମସି ୧୦୦ତମ ବ୍ରାଂଚ, ୩ଟି ଭାରତ-କୈନ୍ଦ୍ରିତ ଫଣ୍ଡ ସହ ଗିଫ୍ଟ ସିଟିରେ ୩ଟି ନୂଆ ପରିଚାଳନା ଏବଂ ନିବେଶକଙ୍କ ପାଇଁ ସମ୍ପତି ସୃଷ୍ଟି ଲାଗି ଏକ ଉତ୍ସର୍ଗୀକୃତ ପ୍ଲାଟଫର୍ମ ବେଦାର୍ଥର ଲଂଚ ସହ ନିଜର ପହଂଚ ବିସ୍ତାର କରିବା ଜାରି ରଖିଛି। ବନ୍ଧନ ଏଏମସି ଭବିଷ୍ୟତ ଆଡକୁ ଅଗ୍ରସର ହେଉଥିବାରୁ ପ୍ରତ୍ୟେକ ଭାରତୀୟଙ୍କ ଆର୍ଥିକ ଯାତ୍ରାରେ ଏକ ବିଶ୍ୱସନୀୟ ସହଯୋଗୀ ହେବା ଏବଂ ସଂଚୟକାରୀଙ୍କୁ ନିବେଶକରେ ପରିଣତ କରିବା ପାଇଁ ସାହାଯ୍ୟ ଜାରି ରଖିବାର ଏହାର ଲକ୍ଷ୍ୟ ସ୍ପଷ୍ଟ ରହିଛି।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray